**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**13 November - 2024**

**News Editor : *Itishree Singh Rathaur***

## କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କ୍ୟାବିନେଟ୍‌ର ଏକ ବୈଠକ ଅନୁଷ୍ଠିତ ହେବ । ଭୁବନେଶ୍ୱର ଲୋକସେବା ଭବନରେ ଅପରାହ୍ଣ ୪ଟାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଉଚ୍ଚଶିକ୍ଷା, ପଞ୍ଚାୟତିରାଜ, କୃଷି, ସମବାୟ ଓ ଶକ୍ତି ବିଭାଗ ସମ୍ପର୍କିତ କେତେଗୁଡ଼ିଏ ପ୍ରସ୍ତାବ ଉପରେ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି ।

## ସୁଭଦ୍ରା ଯୋଜନା-ତୃତୀୟ ପର୍ଯ୍ୟାୟ

ରାଜ୍ୟ ସରକାର ଚଳିତମାସ ୨୪ ତାରିଖରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା ହିତାଧିକାରୀମାନଙ୍କୁ ଦେବେ । ଏହି ପର୍ଯ୍ୟାୟରେ ୨୦ଲକ୍ଷ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ କରାଯିବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ସୂଚନା ଦେଇଛନ୍ତି । ସରକାର ପ୍ରଥମ ଦୁଇଟି ପର୍ଯ୍ୟାୟରେ ବର୍ତ୍ତମାନ ସୁଦ୍ଧା ୬୦ଲକ୍ଷ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ୧ କୋଟି ୩ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସୁଭଦ୍ରା ଯୋଜନାରୁ ଆର୍ଥିକ ସାହାଯ୍ୟ ପାଇବା ପାଇଁ ଆବେଦନ କରିଛନ୍ତି ।

## ଝାଡ଼ଖଣ୍ଡ ନିର୍ବାଚନ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ମତଦାନ ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟରେ ବିଧାନସଭାର ମୋଟ୍ ୮୧ଟି ଆସନ ମଧ୍ୟରୁ ୪୩ଟି ଆସନ ପାଇଁ ଭୋଟ୍‌ଗ୍ରହଣ ଚାଲିଛି । ୬୮୩ଜଣ ପ୍ରାର୍ଥୀ ଆଜିର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଚଳିତ ମାସ ୨୦ ତାରିଖରେ ୩୮ଟି ନିର୍ବାଚନ ମଣ୍ଡଳୀରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ ଏବଂ ୨୩ ତାରିଖରେ ଦୁଇଟି ପର୍ଯ୍ୟାୟର ଭୋଟ୍ ଗଣତି ହେବ ।

## ଶକ୍ତି ସମ୍ମିଳନୀ

ରାଜ୍ୟରେ ଶକ୍ତି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଏବଂ ଶକ୍ତି କ୍ଷେତ୍ରରେ ଓଡ଼ିଶାର ଅଗ୍ରଗତିକୁ ନେଇ ଗତକାଲି ଶକ୍ତି ଏବଂ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନୂଆଦିଲ୍ଲୀରେ ଗତକାଲି ଶକ୍ତିମନ୍ତ୍ରୀମାନଙ୍କ ସମ୍ମିଳନୀରେ କହିଛନ୍ତି । ସବୁଜ ଶକ୍ତିର ବ୍ୟାପକ ପ୍ରସାର ଏବଂ ଅଗ୍ରଗତିକୁ ନେଇ ରାଜ୍ୟ ସରକାର ବିଭିନ୍ନ ସ୍ତରରେ କାର୍ଯ୍ୟଧାରା ଜାରି ରଖିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ମିଳିଥିବା ସୂଚନା ଅନୁସାରେ ୮ହଜାର ୮୫୬ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରି ରାଜ୍ୟର ଶକ୍ତି ଚାହିଦାକୁ ସୁନିଶ୍ଚିତ କରିଛି ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ୨୦୩୦ ମସିହା ସୁଦ୍ଧା ରାଜ୍ୟର ଅକ୍ଷୟଶକ୍ତି କ୍ଷମତା ୧୦ହଜାର ମେଗାୱାଟ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ।

# ସରକାରୀ ଛୁଟି

୨୦୨୫ ମସିହା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଛୁଟି ତାଲିକା ପ୍ରକାଶ ପାଇଛି । ଛୁଟି ତାଲିକା ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ରାଜସ୍ୱ ଏବଂ ମାଜିଷ୍ଟ୍ରେଟ୍ କୋର୍ଟ ଗୁଡ଼ିକ ପାଇଁ ଲାଗୁ ହେବ । ସରକାରୀ କର୍ମଚାରୀଙ୍କ ପାଇଁ ୨୦୨୫ ମସିହାରେ ମୋଟ୍ ୨୬ଟି ଛୁଟି ଦିବସ ରହିଛି । ଏହି ଛୁଟି ସହିତ ସରକାରୀ କର୍ମଚାରୀ ୮ଟି ଇଚ୍ଛାଧୀନ ଛୁଟି ମଧ୍ୟରୁ ଆଉ ଗୋଟିଏ ଦିନ ଛୁଟି ନେଇପାରିବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି । ଜାନୁଆରୀ ମାସ ୧୪ତାରିଖ ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇ ଡିସେମ୍ବର ମାସ ୨୫ ତାରିଖ ବଡ଼ଦିନ ପର୍ଯ୍ୟନ୍ତ ଛୁଟି ତାଲିକା ପ୍ରକାଶ ପାଇଛି ।

# ନୂଆ ଶିକ୍ଷା ନୀତି

ଚଳିତ ଶିକ୍ଷାବର୍ଷରୁ ରାଜ୍ୟର ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁହେବା ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସ୍ନାତକ ପାଠ୍ୟକ୍ରମରେ ୪ବର୍ଷିଆ କ୍ରେଡିଟ ବେଷ୍ଟ ପାଠପଢ଼ା ହେବ । ଗବେଷଣାକୁ ଗୁରୁତ୍ୱ ଦିଆଯିବା ସହିତ ଛାତ୍ରଛାତ୍ରୀମାନେ ନିଜ ଇଚ୍ଛାରେ ବିଷୟ ଗୁଡ଼ିକ ବାଛପାରିବେ ।

# କୃଷି ବିଦ୍ୟାନିଧି ଯୋଜନା

ପିଏମ୍ କିଷାନ ଯୋଜନାର ହିତାଧିକାରୀ ମାନଙ୍କ ପିଲାଙ୍କ ପାଇଁ କୃଷି ବିଦ୍ୟାନିଧି ଯୋଜନାରେ ଚଳିତ  ଶିକ୍ଷାବର୍ଷ ପାଇଁ ଅନ୍‌ଲାଇନ୍ ପଞ୍ଜିକରଣ ଚାଲିଛି । ଆସନ୍ତା ଡିସେମ୍ବର ମାସ ୨୫ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ପଞ୍ଜିକରଣର ସମୟସୀମା ରହିଛି । କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ କୃଷକ ପରିବାରର ମେଧାବୀ ଛାତ୍ରଛାତ୍ରୀମାନଙ୍କ ପାଇଁ ବୃତ୍ତିଗତ ଓ ବୈଷୟିକ ଶିକ୍ଷା ଲାଗି ଏହି ଯୋଜନାରେ ସରକାର ଆର୍ଥିକ ସାହାଯ୍ୟ ଦେଉଛନ୍ତି । ଅଧିକ ସୂଚନା ପାଇବା ପାଇଁ ୧୫୫-୩୩୫ କିମ୍ବା ୧୮୦୦-୩୪୫-୬୭୭୦ରେ ଯୋଗାଯୋଗ କରିବାକୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ କୁହାଯାଇଛି ।

# ପ୍ରଶିକ୍ଷଣ ଶିବିର

ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଓଡ଼ିଆ ଭାଷା ପ୍ରତିଷ୍ଠାନ ଆନୁକୂଲ୍ୟରେ ଭୁବନେଶ୍ୱର ସଂସ୍କୃତିଭବନସ୍ଥିତ ସମ୍ମିଳନୀ କକ୍ଷରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ସରକାରୀ ଅଧିକାରୀ ପ୍ରଶିକ୍ଷଣ ନେଉଛନ୍ତି ।  ଶିବିରର ପ୍ରଥମ ଦିନରେ ଗତକାଲି ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ପ୍ରଶିକ୍ଷଣ ପୁସ୍ତିକା ଉନ୍ମୋଚିତ ହୋଇଥିଲା ।

# ରାପିଡ ଫାୟାର ବାଇକ୍ ସର୍ଭିସ୍

ଗଞ୍ଜାମ ଜିଲ୍ଲର ବ୍ରହ୍ମପୁର ଏବଂ ଛତ୍ରପୁର ସହରର ଛୋଟଛୋଟ ଗଳିକନ୍ଦି ଗୁଡ଼ିକରେ ନିଆଁ ଲାଗିଲେ ତା'ର ତୁରନ୍ତ ପ୍ରତିକାର ପାଇଁ ଫାୟାର ସର୍ଭିସ ପକ୍ଷରୁ ରାପିଡ ଫାୟାର ବାଇକ୍ ସର୍ଭିସ୍ ଅମ୍ଳଜାନ ଆରମ୍ଭ ହୋଇଛି । ଅତି କମ୍ ସମୟ ମଧ୍ୟରେ ଶ୍ୱାସରୁଦ୍ଧ ସମସ୍ୟା ଏବଂ ବିଷାକ୍ତ ଧୂଆଁରୁ ନିସ୍ତାର ପାଇବା ପାଇଁ ସ୍ୱତନ୍ତ୍ର ମାସ୍କ ସହ ଗାଡ଼ିରେ ଥିବା ଅମ୍ଳଜାନର ବ୍ୟବହାର କରି ଧନଜୀବନକୁ ସୁରକ୍ଷିତ କରାଯାଇ ପାରିବ ବୋଲି ଅଗ୍ନିଶମ ବିଭାଗର ଅଧିକାରୀ ଠାକୁର ଦଳେଇ କହିଛନ୍ତି ।